# ନିଯୁକ୍ତି ମିଶନର ତାଲିମ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ



(ଫଟୋ: ପ୍ରତିବାଦୀ)

ଭୁବନେଶ୍ୱର, ତା୩।୧୨ (ପିଏନ୍‌ଏସ୍): ସ୍ଥାନୀୟ ମହିଳା ପଲିଟେକନିକ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ନିଯୁକ୍ତି ମିଶନର ଆତ୍ମନିଯୁକ୍ତି ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇପାରିଛି । ଏଥିରେ ପଞ୍ଚାୟତରାଜମନ୍ତ୍ରୀ ଦାମୋଦର ରାଉତ ଯୋଗଦେଇ ରାଜ୍ୟର ୧୮ଟି ଜିଲ୍ଲାର ପ୍ରତି ବ୍ଲକରେ ୧୦୦ଟି କରି ମତ୍ସ୍ୟଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି କହିଥିଲେ ।

ଶିଳ୍ପ, ଆଇନ୍ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଶିଳ୍ପକ୍ଷେତ୍ରରେ ଘଟିବାକୁ ଯାଉଥିବା ବୈପ୍ଳବିକ ପରିବର୍ତ୍ତନ ସମ୍ପର୍କରେ ଆଲୋଚନା କରି ଇସ୍ପାତ ଓ ଆଲୁମିନିୟମ ଶିଳ୍ପମାନଙ୍କର ଆବଶ୍ୟକତା ପୂରଣ ପାଇଁ ବୈଷୟିକ ଦକ୍ଷତା ସମ୍ପନ୍ନ ମାନବ ସମ୍ବଳ ସୃଷ୍ଟି ଉପରେ ଗୁରୁତ୍ୱଆରୋପ କରିଥିଲେ । ଏଥିପାଇଁ ରାଜ୍ୟର ବୈଷୟିକ ପ୍ରତିଷ୍ଠାନ ମାନଙ୍କର ଗୁଣାତ୍ମକ ବିକାଶ ପାଇଁ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ।

ରାଜ୍ୟର ଯୁବକ ଯୁବତୀମାନଙ୍କ ପାଇଁ ଆଉ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ଗଠନ କରାଯାଇଥିବା ନିଯୁକ୍ତି ମିଶନ, ଶିଳ୍ପ ବିଭାଗ ସହଯୋଗରେ ୧୨୩ଟି ସରକାରୀ ଓ ବେସରକାରୀ ଆଇଟିଆଇ ମାନଙ୍କରେ ୨୪ ଗୋଟି ବିଷୟରେ ବେକାର ଯୁବକ ଯୁବତୀମାନଙ୍କୁ ବୃତ୍ତିଗତ ତାଲିମ ପ୍ରଦାନ କରିବ ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଏହି ପ୍ରଶିକ୍ଷଣ ଦ୍ୱାରା ଆମର ଯୁବକ ଯୁବତୀମାନେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଆଶା କରିଥିଲେ । ବେକାର ଯୁବକଯୁବତୀମାନଙ୍କୁ ଏହି ବୃତ୍ତିଗତ ତାଲିମ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯିବା ସହିତ ନିଜସ୍ୱ ୟୁନିଟ୍ ସ୍ଥାପନ କରିବା ପାଇଁ ବିଭିନ୍ନ ଆର୍ଥିକ ଅନୁଷ୍ଠାନ କରିଆରେ ଋଣ ଯୋଗାଇ ଦେବା ଦିଗରେ ସରକାର ସହାୟତା କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ।

ଅନ୍ୟତମ ଅତିଥି ଭାବେ ପଞ୍ଚାୟତ ଓ ସଂସ୍କୃତିମନ୍ତ୍ରୀ ଡାକ୍ତର ଦାମୋଦର ରାଉତ ଯୋଗଦେଇ ରାଜ୍ୟର ମୋଟ ୧୮ଟି ଜିଲ୍ଲାର ପ୍ରତିବ୍ଲକରେ ମତ୍ସ୍ୟ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯାଇ ବେକାର ଯୁବଗୋଷ୍ଠୀଙ୍କୁ ମତ୍ସ୍ୟଚାଷ ସମ୍ବନ୍ଧରେ ତାଲିମ ପ୍ରଦାନ କରାଯିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଖଣି ଓ ଭୂତତ୍ତ୍ୱ ମନ୍ତ୍ରୀ ପଦ୍ମନାଭ ବେହେରା, ଶ୍ରମ ଓ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ପ୍ରଦୀପ୍ତ ନାୟକ, ମୁଖ୍ୟ ଶାସନ ସଚିବ ସୁଭାଷ ପାଣି, ନ୍ୟୁ ଆଣ୍ଡ ନ୍ୟୁଏଲଗୀ ଏକ୍ସପୋର୍ଟ ପ୍ରମୋସନ କାଉନସିଲର ଅଧ୍ୟକ୍ଷ ଫକୀର ପାରେଖ ପ୍ରମୁଖ ଉପସ୍ଥିତ ଥିଲେ ।

4/12/2005